# ସତ୍ୟପ୍ରକାଶ



SEPTEMBER - OCTOBER
2005

An Oriya Bimonthly Bulletin
Published By the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam

**CHURCH OF CHRIST**
P.O.Box.No. 80, KAKINADA
A.P. - 533 001.
Ph : 0884 - 2363722

**VOL. 10. SEPTEMBER & OCTOBER 2005 (NO. 5)**

Published every two months in Oriya Language for the Restoration of pure New Testament Christianity

Watch *SATYA VANI* on TEJA Channel Every Saturday and every Tuesday on MAA TV at 6:30 a.m. in Telugu Language.

**Speakers : JOSHUA GOOTAM & RICKY GOOTAM**

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. No. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - X KAKINADA SEP-OCT.

## ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଆପଣ କେବେ ଶୁଣିଥିଲେ କି ?

## (Have you ever heard of the Church of Christ)

ଖ୍ରୀଷ୍ଟଙ୍କ ମଣ୍ଡଳୀ ସମ୍ବନ୍ଧରେ ନ ଶୁଣିବା ଲୋକେ ଏ ଦେଶରେ ଅନେକ ଅଛନ୍ତି । ଏହି ମଣ୍ଡଳୀ ସମ୍ବନ୍ଧରେ ଆପଣ କେବେହେଲେ ଶୁଣିଥିଲେ କି ? ଯଦି ନୁହେଁ, ତାହା ହେଲେ କାହିଁକି ଶୁଣିନଥିଲେ ? ଆପଣଙ୍କର କଅଣ ନିଜ ବାଇବଲ ନାହିଁ ? ଏଥିରେ ପୃଷ୍ଠାମାନଙ୍କରେ କେଉଁ ମଣ୍ଡଳୀର ବର୍ଣ୍ଣନା ଆପଣ ଦେଖିପାରୁଅଛନ୍ତି ? ଆପଣ ଯଦି ପୁନର୍ବାର ଅଧ୍ୟୟନ କଲେ ଏଥିରେ କେବଳ ଏକମାତ୍ର ମଣ୍ଡଳୀ ସମ୍ବନ୍ଧରେ ଜାଣିପାରିବେ । ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଟେ । ତେବେ ଏହି ମଣ୍ଡଳୀ ବିଷୟରେ ଆପଣ କିପରି ଶୁଣିନଥିଲେ ? ଅନ୍ୟମାନେ ଏହି ମଣ୍ଡଳୀ ସମ୍ବନ୍ଧରେ କାହିଁକି ଶୁଣି ନାହାନ୍ତି ? ଅନେକ ବର୍ଷରୁ ଏ ବାଇବଲ ଆପଣଙ୍କ ନିକଟରେ ଅଛି । ଏହି ଅଞ୍ଚଳର ଅନେକେ କୌଣସି ଏକ ମଣ୍ଡଳୀର ସଭ୍ୟ ଅଟନ୍ତି । କିନ୍ତୁ ଈଶ୍ୱରଙ୍କ ମଣ୍ଡଳୀର କାହିଁକି ନୁହନ୍ତି ?

ଖ୍ରୀଷ୍ଟଙ୍କ ମଣ୍ଡଳୀ ଜଗତସାରା ବ୍ୟାପି ଅଛି । ପ୍ରତି ସହରରେ ଏହି ମଣ୍ଡଳୀ ନାହିଁ ସତ, କିନ୍ତୁ ଯେଉଁଠାରେ ଲୋକେ ବାଇବଲ ଧ୍ୟାନ କରି ତଦନୁଯାୟୀ ଆଚରଣ କରନ୍ତି, ସେହିଠାରେ, ଏହି ମଣ୍ଡଳୀର ଅସ୍ତିତ୍ୱ ଆପଣ ଦେଖିପାରିବେ । ଏହି ମଣ୍ଡଳୀ କୌଣସି ଖ୍ରୀଷ୍ଟୀୟ ମତଶାଖା, ସାଂପ୍ରଦାୟିକତା କିମ୍ବା ମନୁଷ୍ୟ କଳ୍ପିତ ସଂଘ ନୁହେଁ । ଏହା କାଥଲିକ **(Catholic)**, ପ୍ରଟେଷ୍ଟାଣ୍ଟ **(Protestant)**, କିମ୍ବା ଯିହୁଦୀୟ ନୁହେଁ । ତେବେ ଏହା କଅଣ ? ସରଳଭାବେ ଏହା ବାଇବଲରେ ଉଲ୍ଲେଖିତ ମଣ୍ଡଳୀ । ଏହା କେବଳ ଈଶ୍ୱରଙ୍କ ଆଜ୍ଞାବହ ଓ ବିଶ୍ୱାସୀମାନଙ୍କ ଦ୍ୱାରା ଗଠିତ ।

ଖ୍ରୀଷ୍ଟ ଏହାର ସ୍ଥାପକ ଅଟନ୍ତି । ଆପଣ ନିଜେ ମାଥି ୧୬:୧୮ ପଢ଼ି ଦେଖନ୍ତୁ, ସେଠାରେ ଖ୍ରୀଷ୍ଟ ଏହା କହନ୍ତି,"ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି ।"

ଏହାର ଆରମ୍ଭ ଯିରୁଶାଲମରେ ହୋଇଥିଲା । ଏହି ସତ୍ୟତା ଆପଣ ଲୂକ ୨୪ ଅଧ୍ୟାୟ ଓ ପ୍ରେରିତ ୨ୟ ଅଧ୍ୟାୟରେ ପାଠ କରିବା ଦ୍ୱାରା ପାଇପାରିବେ । ଏହାର ଆରମ୍ଭ ଲଣ୍ଡନ କିମ୍ବା ଜର୍ମାନୀ କିମ୍ବା ଆମେରିକାରେ ହୋଇନଥିଲା । କିନ୍ତୁ ଏହାର ଆରମ୍ଭ ଯିରୁଶାଲମରେ ହୋଇଥିଲା ।

ମଣ୍ଡଳୀ ଖ୍ରୀ:ଜ: ୩୩ ମସିହାରେ ସ୍ଥାପିତ ହୋଇଥିଲା । ଅର୍ଥାତ୍ ଏହା ଦୁଇ ହଜାର ବର୍ଷ ପୁରୁଣା । ପ୍ରେରିତ ୨ୟ ଅଧ୍ୟାୟ ଅଧ୍ୟୟନ ଦ୍ୱାରା ଏହାର ସ୍ଥାପନ ବିଷୟରେ ଜାଣିପାରିବା ଏବଂ ଏହାର ସ୍ଥାପିତ ହେବାର ସମୟ ନିର୍ଦ୍ଧାରଣ କରିପାରିବା ।

ଏହା ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଥିବାରୁ, ଖ୍ରୀଷ୍ଟଙ୍କ ନାମ ଧାରଣ କରେ । "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି" (ରୋମୀୟ ୧୬:୧୬) ବୋଲି ଲେଖାଯାଏ । ଏଥିର ସଭ୍ୟମାନଙ୍କ ସମ୍ବନ୍ଧରେ ଏପରି ଲେଖାଯାଏ । "ପୁଣ ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଅଖ୍ୟାତ ହେଲେ" (ପ୍ରେରିତ ୧୧:୨୬) । ମନେ ରଖନ୍ତୁ, କେବଳ ବାଇବଲ ହିଁ ପ୍ରକୃତ ଖ୍ରୀଷ୍ଟିୟାନ ତିଆରି କରିପାରେ ।

ଖ୍ରୀଷ୍ଟ ଏକମାତ୍ର ମଣ୍ଡଳୀ ସ୍ଥାପନ କଲେ । (ଏଫି ୪:୪) ଏହା ଏକ ଶରୀରରୂପେ ବର୍ଣ୍ଣନା କରାଯାଇଅଛି । କଲସୀ ୧:୧୮ରେ ଲେଖକ ଏହି ଏକ ଶରୀର ହିଁ ମଣ୍ଡଳୀ ବୋଲି କହନ୍ତି । ତେଣୁକରି ଏକମାତ୍ର ମଣ୍ଡଳୀ ରହିଅଛି ।

ଖ୍ରୀଷ୍ଟ ଏହି ମଣ୍ଡଳୀର ମସ୍ତକ ସ୍ୱରୂପ । "କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସେହିପରି ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା ।" (ଏଫି ୪:୨୩) ଈଶ୍ୱରଙ୍କ ମଣ୍ଡଳୀର କୌଣସି ଜାଗତିକ ମୁଖ୍ୟକର୍ତ୍ତା **(Earthly head)** କିମ୍ବା ମୁଖ୍ୟ କାର୍ଯ୍ୟାଳୟ **(Earthly headquarter)** ନାହିଁ । ଖ୍ରୀଷ୍ଟ ଏହାର ମସ୍ତକ ସ୍ୱରୂପ ଏବଂ ସେ ସ୍ୱର୍ଗରେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବାସ କରନ୍ତି ।

ଖ୍ରୀଷ୍ଟ ମଣ୍ଡଳୀର ତ୍ରାଣକର୍ତ୍ତା । ଏହା ଏଫି ୫:୨୩ରେ ଉଲ୍ଲେଖିତ ଅର୍ଥାତ୍ ଜଣେ ପରିତ୍ରାଣ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବା ଆବଶ୍ୟକ ।

ଖ୍ରୀଷ୍ଟ ମଣ୍ଡଳୀ ନିମନ୍ତେ ମୃତ୍ୟୁ ଭୋଗିଲେ । (ଏଫି ୫::୨୫, ପ୍ରେରିତ ୨୦:୨୮) ସେ ମଣ୍ଡଳୀକି ଏପରି ଭାବେ ପ୍ରେମ କଲେ । ତାହାଙ୍କ ମଣ୍ଡଳୀ ବିଷୟରେ ଆପଣଙ୍କ ଅଭିପ୍ରାୟ କ'ଣ ?

ପରିତ୍ରାଣ ପ୍ରାପ୍ତ ଲୋକେ ମଣ୍ଡଳୀରେ ସଂଯୁକ୍ତ ହେଲେ (ପ୍ରେରିତ ୨:୪୭) । ଖ୍ରୀଷ୍ଟ ତାଙ୍କ ନିଜର ମଣ୍ଡଳୀରେ ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ ସଂଯୁକ୍ତ କରନ୍ତି ।

ସେ ଆପଣା ମଣ୍ଡଳୀ ନିମନ୍ତେ ଫେରି ଆସୁଅଛନ୍ତି (ଏଫି ୫:୨୭) । ସେ ଫେରି ଆସିବା ସମୟରେ ଆପଣ ଯଦି ତାହାଙ୍କ ମଣ୍ଡଳୀର ସଭ୍ୟ ହୋଇନଥାନ୍ତି ଆପଣଙ୍କ ଅବସ୍ଥା କ'ଣ ହେବ ଏହା ବିଚାର କରନ୍ତୁ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ଏହି ଅଞ୍ଚଳରେ, ଏହି ନଗରରେ ଓ ଏହି ସମାଜରେ ରହିଅଛି । ଆପଣ ଖ୍ରୀଷ୍ଟଙ୍କୁ ପ୍ରେରଣ କରି ତାହାଙ୍କ ବାକ୍ୟ ଅଧ୍ୟୟନ କରି ତଦନୁଯାୟୀ ଆଚରଣ କରିବା ଦ୍ୱାରା ତାହାଙ୍କ ମଣ୍ଡଳୀରେ ସଭ୍ୟ ହୋଇ ପାରିବେ । ଏହା କରିବା ଦ୍ୱାରା ଆପଣ ତାହାଙ୍କ ବାକ୍ୟରେ ଏଥିର ଲେଖକଙ୍କ ଠାରେ ଓ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିପାରିବେ । (ଏବ୍ରୀ ୧୧:୬, ଯୋହ ୧୪:୧-୩, ରୋମୀ ୧୦:୧୭) ଏତଦ୍ୱାରା ଆପଣ ଆପଣା ପାପ ବିଷୟରେ ଅନୁତାପ କରି ସେଥିରୁ ଫେରିପାରିବ (ଲୂକ ୧୩:୩, ପ୍ରେରି ୧୭:୩୦ ପ୍ରେରି ୨:୩୮) । ପରେ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରି (ରୋମୀ ୧୦:୧୦; ମାଥି ୧୦:୩୨) ପାପକ୍ଷମା ନିମନ୍ତେ ବାପ୍ତିସ୍ମ (ଜଳରେ ନିମଗ୍ନ ହେବା ଦ୍ୱାରା) ନେଇପାରିବେ । (ପ୍ରେରି ୨:୩, ମାର୍କ ୧୬:୧୬, ରୋମୀ ୬:୩-୪, ଗାଲା ୩:୨୬-୨୭, ୧ମ ପିତ ୩:୨୧) । ତାହା ଫଳରେ ଖ୍ରୀଷ୍ଟ ଆପଣଙ୍କୁ ଆପଣା ମଣ୍ଡଳୀରେ ସଂଯୁକ୍ତ କରିବେ । (ପ୍ରେରି ୨:୪୭) ତଦ୍ୱାରା ଆପଣ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବେ । (୧ମ ପିତ ୪:୧୬) ତତ୍ପରେ ଆପଣ ଆପଣଙ୍କ ଅଞ୍ଚଳରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିବେ । ଯେତେ ଦିନଯାଏ ଲୋକେ ଖ୍ରୀଷ୍ଟଙ୍କୁ ପ୍ରେମ କରି, ତାଙ୍କର ଆଜ୍ଞାବହ ହୋଇ ବିଶ୍ୱସ୍ତ ଥିବେ, ସେତେଦିନଯାଏ ଏହି ମଣ୍ଡଳୀ ସ୍ଥିର ହୋଇ ରହିପାରିବ । ଏହାର ଅର୍ଥ ନୁହେଁ ଯେ, ଆପଣ ଅନ୍ୟ କୌଣସି ମଣ୍ଡଳୀର ସଭ୍ୟ ହୋଇପାରିବେ । କିନ୍ତୁ ଅନ୍ୟ କୌଣସି ଖ୍ରୀଷ୍ଟିୟ

ମତଶାଖାର ସଭ୍ୟ ହୋଇଯିବେ, କାରଣ ଖ୍ରୀଷ୍ଟଙ୍କ ମଣ୍ଡଳୀ କୌଣସି ମତଶାଖା ନୁହେଁ ।

ଆପଣ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଆହୁରି ଅଧିକ ଜାଣିବାକୁ ଇଚ୍ଛା କଲେ ବାଇବଲ ପଢ଼ନ୍ତୁ । ଆପଣ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଅଧିକ ରୂପେ ଜାଣିବାକୁ ଇଚ୍ଛା କଲେ କିମ୍ୱା ବାଇବଲ କରେସପଣ୍ଡେନ୍‌ସ କୋର୍ସ ପାଇବାକୁ ଇଚ୍ଛା କଲେ ଆମ୍ଭମାନଙ୍କୁ ବ୍ୟକ୍ତିଗତ ସମ୍ପର୍କ କରିବାକୁ ଆପଣଙ୍କୁ ଆହ୍ୱାନ କରୁ ।

''ଯୁଗେ ଯୁଗେ ପୁରୁଷାନୁକ୍ରମେ ମଣ୍ଡଳୀ ଓ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ତାହାଙ୍କର ଗୌରବ ହେଉ । ଆମେନ ।'' (ଏଫି ୩:୨୧)

- J.C. Choate

❋ ❋ ❋

# ସତ୍‌କର୍ମ
## (Good works)

ଆମ୍ଭମାନଙ୍କ ଯେଉଁ କର୍ମ ଦ୍ୱାରା ଅନ୍ୟମାନେ ଉପକାର ପ୍ରାପ୍ତ ହୁଅନ୍ତି, ତାହା 'ସୁକର୍ମ' ବା 'ସତ୍‌କର୍ମ' ରୂପେ ପରିଗଣିତ ହେବ । ପାଉଲ କହନ୍ତି, ''କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତ୍‌କାର୍ଯ୍ୟ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟଙ୍କ ଠାରେ ସୃଷ୍ଟ । (ଏଫିସୀ ୨:୧୦) ଖ୍ରୀଷ୍ଟିୟାନମାନଙ୍କ ସତ୍‌କର୍ମ ଦ୍ୱାରା ପରମେଶ୍ୱର ଗୌରବାନ୍ୱିତ ହୁଅନ୍ତି ।

ଆଦି ପିତାମାତା ଆଦମ ଓ ହବାଙ୍କ ଜ୍ୟେଷ୍ଠ ପୁତ୍ରଙ୍କ ଆଚାର ବ୍ୟବହାର ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଜନକ ନଥିଲା । ତାହାଙ୍କ ବଳି ପରମେଶ୍ୱର ଅଗ୍ରାହ୍ୟ କରିଥିଲେ, କିନ୍ତୁ ତାହାଙ୍କ ଭ୍ରାତା ହେବଲଙ୍କ ବଳି ସେ ଗ୍ରହଣ କରିଥିଲେ । ଈର୍ଷାରେ କୟିନ ହେବଲଙ୍କୁ ହତ୍ୟା କରିଥିଲେ । ସଦାପ୍ରଭୁ ତାହାଙ୍କୁ କହିଲେ, ''ସତ୍‌କର୍ମ କଲେ କି ତୁମ୍ଭେ ଉର୍ଦ୍ଧ୍ୱମୁଖ ହେବ ନାହିଁ ? ସତ୍‌କର୍ମ ନକଲେ ପାପ ଦ୍ୱାରରେ ଛକିଥାଏ । ତୁମ୍ଭ ପ୍ରତି ତାହାର ବାସନା ରହିବ, ମାତ୍ର ତୁମ୍ଭେ ତାହା ଉପରେ କର୍ତ୍ତୃତ୍ୱ କରିବ ।'' (ଆଦି

୪:୭) ଆଦି ପୁସ୍ତକ ୧୮:୧-୮ ଓ ୧୯ମ ପର୍ବରେ ଅବ୍ରାହମ ଓ ଲୋଟ କିପରି ସ୍ୱର୍ଗୀୟ ଦୂତମାନଙ୍କୁ ଆତିଥ୍ୟ ଦେଇଥିଲେ ପଢ଼ିପାରୁ । ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି,"ଅତିଥି ସତ୍କାର ନ ପାସୋର, ଯେଣୁ ତଦ୍ୱାରା କେହି କେହି ଅଜ୍ଞାତ ସାରରେ ଦୂତମାନଙ୍କୁ ଆତିଥ୍ୟ କରିଅଛନ୍ତି ।" (୧୩:୨) ରିବିକା, ଅବ୍ରାହମଙ୍କ ଦାସ ଏଲିୟାଜରଙ୍କୁ ଓ ତାହାଙ୍କ ଓଟମାନଙ୍କୁ କୂପରୁ ଜଳ କାଢ଼ି ଜଳପାନ କରିବାକୁ ଦେଇଥିଲେ । ଯୋସେଫ ତାହାଙ୍କୁ କ୍ଳେଶ ଦେଇଥିବା ଭ୍ରାତୃମାନଙ୍କ ତଥା ତାହାଙ୍କ ପରିବାର ବର୍ଗମାନଙ୍କୁ ଦୁର୍ଭିକ୍ଷ ସମୟରେ ତତ୍ତ୍ୱାବଧାନ ଦେଇଥିଲେ ।

ସାରିଫତର ବିଧବା ଦୁର୍ଭିକ୍ଷ ସମୟରେ ଭାବବାଦୀ ଏଲିୟଙ୍କୁ ପିଠା ଦେବା ପ୍ରତିଫଳେ, ଦୁର୍ଭିକ୍ଷ ଶେଷ ହେବା ପର୍ଯ୍ୟନ୍ତ ତାହାଙ୍କ କଳସ ମଇଦା ଶୂନ୍ୟ କିଅବା ପାତ୍ରରେ ତୈଳର ଅଭାବ ହେଲା ନାହିଁ । (୧ମ ରାଜାବଳି ୧୭:୮-୧୬) ଶୁନେମୀୟା ସ୍ତ୍ରୀ, ଭାବବାଦୀ ଇଲିଶାୟଙ୍କୁ ଆତିଥ୍ୟ ଦେଇ, ପ୍ରତିଫଳେ ପୁତ୍ର ସନ୍ତାନ ପ୍ରାପ୍ତ ହୋଇଥିଲେ । (୨ ରାଜାବଳି ୪:୮-୩୭) ଯୀଶୁ କହନ୍ତି,"ଯେ ଭାବବାଦୀଙ୍କୁ ଭାବବାଦୀ ବୋଲି ଗ୍ରହଣ କରେ, ସେ ଭାବବାଦୀର ପୁରସ୍କାର ପାଇବ । ପୁଣି ଯେ କେହି ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକୁ ମୋହର ଶିଷ୍ୟ ବୋଲି କେବଳ ଗିନାଏ ଥଣ୍ଡା ପାଣି ପିଇବାକୁ ଦେବ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେ କୌଣସି ପ୍ରକାରେ ଆପଣା ପୁରସ୍କାର ହରାଇବ ନାହିଁ ।" (ମାଥିଉ ୧୦:୪୧,୪୨) ଋତ ଆପଣା ଶାଶୁ ନବମୀ ପ୍ରତି ଓ ଏଷ୍ଟରରାଣୀ ଆପଣା ସ୍ୱଜନ ଯିହୂଦୀ ଜାତି ପ୍ରତି କରିଥିବା ଉପକାର ଦ୍ୱାରା ସୁଖ୍ୟାତି ପ୍ରାପ୍ତ ହୋଇଅଛନ୍ତି । ନୂତନ ନିୟମରେ ଦର୍କା (ପ୍ରେରିତ ୯:୩୬-୪୧), ଲୁଦିଆ (ପ୍ରେରିତ ୧୬:୧୧-୧୫), ଯାସୋନ, (ପ୍ରେରିତ ୧୭:୬), ଆକ୍ୱିଲା ଓ ପ୍ରୀସ୍କିଲା (ପ୍ରେରିତ ୧୮:୨୪-୨୮) ମାନଙ୍କର ସତ୍‌କର୍ମ ପବିତ୍ର ଆତ୍ମା ପବିତ୍ର ପୁସ୍ତକରେ ଲିଖିତ କରିଅଛନ୍ତି ।

ଯୀଶୁ କହିଲେ,"ଏଥିରେ ଚମତ୍କୃତ ହୁଅ ନାହିଁ, କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି, ସେମାନେ ଜୀବନର ପୁନରୁତ୍ଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନରୁତ୍ଥାନ ନିମନ୍ତେ ବାହାର ହୋଇଆସିବେ ଏପରି ସମୟ ଆସୁଅଛି ।" (ଯୋହନ ୫:୨୮) ଯୀଶୁଖ୍ରୀଷ୍ଟଙ୍କ ଏହି ବାକ୍ୟ ମାଥିଉ ୨୫:୩୧-୪୬ ପଦଗୁଡ଼ିକରେ ବର୍ଣ୍ଣିତ ଶେଷ ବିଚାରର ଦୃଶ୍ୟ ପଢ଼ିବା ଦ୍ୱାରା ସରଳ ଭାବେ ବୁଝିପାରିବା ।

ସତ୍‌କର୍ମକାରୀମାନେ ପିତାଙ୍କ ଆଶୀର୍ବାଦ ପ୍ରାପ୍ତ ପାତ୍ରମାନେ ସେମାନଙ୍କ ନିମନ୍ତେ ଜଗତର ପତ୍ତନାବଧି ପ୍ରସ୍ତୁତ କରାଯାଇଥିବା ରାଜ୍ୟ ଅଧିକାର କରିବେ । କିନ୍ତୁ କୁକର୍ମ ବା ଅନ୍ୟମାନଙ୍କୁ ଉପକାର ନକରି ଅପକାର କରିବା ଲୋକେ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅଗ୍ନିକୁଣ୍ଡରେ ନିକ୍ଷିପ୍ତ ହେବ । ଗାଲାତୀ ୬:୯,୧୦ ପଦରେ ପାଉଲ କହନ୍ତି,''ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତ ନହେଉଁ, କାରଣ କ୍ଲାନ୍ତ ନୋହିଲେ ଉପଯୁକ୍ତ ସମୟରେ ଶସ୍ୟ କାଟିବା, ଅତଏବ ସୁଯୋଗ ଅନୁସାରେ ସମସ୍ତଙ୍କର, ବିଶେଷତଃ ଏକ ପରିବାରଭୁକ୍ତ ବିଶ୍ୱାସୀ ସମସ୍ତଙ୍କର ମଙ୍ଗଳ କରୁ ।'' କାରଣ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଏହି ଜଗତରେ ଥିବା ସମୟରେ ଅନେକଙ୍କ ମଙ୍ଗଳ ସାଧନ କରଥିଲେ । (ପ୍ରେରିତ ୧୦:୩୮)

ଆମ୍ଭେମାନେ ସତ୍‌କର୍ମ କରିବା ନିମନ୍ତେ ସୃଷ୍ଟ ହୋଇଅଛୁ । ଆମ୍ଭେମାନେ ସତ୍‌କର୍ମ ଜାଣି, ନକଲେ, ପାପୀ ରୂପେ ପରିଗଣିତ ହେବା । (ଯାକୁବ ୪:୧୭) ଆମ୍ଭମାନଙ୍କ ସତ୍‌କର୍ମର ଆଲୋକ ଦ୍ୱାରା ପରମେଶ୍ୱର ଗୌରବାନ୍ୱିତ ହେବେ । (ମାଥିଉ ୫:୧୮) ପରୋପକାର ଓ ଦାନରୂପ ବଳିରେ ଈଶ୍ୱରଙ୍କ ପରମ ସନ୍ତୋଷ । (ଏବ୍ରୀ ୧୩:୧୬) ଆମ୍ଭେମାନେ କୁକ୍ରିୟା ଦ୍ୱାରା ପରାଜିତ ନହୋଇ, ସୁକ୍ରିୟା ଦ୍ୱାରା କୁକ୍ରିୟାକୁ ପରାଜିତ କରୁ । (ରୋମୀୟ ୧୨:୨୧)

ଆସ ଆମ୍ଭେମାନେ ପରମେଶ୍ୱରଙ୍କ ଆମ୍ଭମାନଙ୍କ ଉଦ୍ଦେଶ୍ୟାନୁଯାୟୀ ସତ୍‌କର୍ମରେ କ୍ଲାନ୍ତ ନହୋଇ (୨ ଥେସଲନୀକୀ ୩:୧୩) ଆତ୍ମିକ ଜୀବନରେ ବୃଦ୍ଧି ପାଉ । ସତ୍‌କର୍ମ ବିନା ଆମେ ଈଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଜନକ ଜୀବନଯାପନ କରିପାରିବା ନାହିଁ । ସତ୍‌କର୍ମ ବିନା ଜୀବନ ପୁନରୁତ୍ଥାନରେ ସହଭାଗୀ ହୋଇପାରିବା ନାହିଁ । ''ଆଉ ବାକ୍ୟରେ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।'' (କଲସୀ ୪:୧୭)

**- Kabita Gootam**

❋ ❋ ❋

# ଉପାସନାରେ ଯୋଗଦାନ ?
# - ଏକ କଠିନ ସମସ୍ୟା !
## (Going to Church - Too much Trouble !)

ବୟଃପ୍ରାପ୍ତ ପ୍ରତ୍ୟେକ ବ୍ୟକ୍ତି ଆପଣା କାର୍ଯ୍ୟରେ ବ୍ୟସ୍ତ ରହେ । ରୋଜଗାର ନିମନ୍ତେ ଅନେକ ପ୍ରତିଦିନ ଅନେକ ଦୂର ଯାତ୍ରା କରନ୍ତି, ସାଇକେଲ ବା ମଟର ସାଇକେଲ, ବସ୍, କାର୍ ପ୍ରଭୃତି ବ୍ୟବହାର କରି ଆପଣା କାର୍ଯ୍ୟରେ ସମୟରେ ପହଞ୍ଚିଯାନ୍ତି । ଯେହେତୁ ଏହି ଜଗତରେ ବଞ୍ଚିବା ନିମନ୍ତେ ମନୁଷ୍ୟ ରୋଜଗାର କରିବା ଅତ୍ୟାବଶ୍ୟକ ।

ସୈନାଧିପତି ସଦାପ୍ରଭୁ ସପ୍ତାହର ପ୍ରଥମ ଦିନ ଉପାସନାର ଦିନ ରୂପେ ମନୋନୀତ କରିଅଛନ୍ତି । ଏତଦ୍ୱାରା ମନୁଷ୍ୟ ତାହାଙ୍କ ନିକଟବର୍ତ୍ତୀ ହୋଇପାରିବେ, ତଥା ପରସ୍ପର ସହଭାଗିତା ପ୍ରାପ୍ତ ହୋଇପାରିବେ । ନୂତନ ନିୟମରେ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ମଣ୍ଡଳୀଭାବେ ସମାଗମ ହୋଇ, ପ୍ରଭୁଙ୍କୁ ଆରାଧନା କରୁଥିଲେ । ସେହି ଆରାଧନାର ଦିନକୁ ଆମେ ରବିବାର କହୁ ।

ଏପରି ଅନେକ ଖ୍ରୀଷ୍ଟିୟାନମାନେ ଅଛନ୍ତି, ଯେଉଁମାନେ ରବିବାର ଦିନ ଉପାସନାରେ ଯୋଗଦେବା ନିମନ୍ତେ କୁଣ୍ଠିତ ବୋଧ କରନ୍ତି । ଆହୁରି କେତେକ ଲୋକେ, ଆପଣା ଗୃହରେ ପ୍ରାର୍ଥନା କରି ସନ୍ତୃପ୍ତ ହୁଅନ୍ତି । ଅନ୍ୟ କେତେକ ଲୋକେ ସପ୍ତାହର ଏହି ଦିନ ଆପଣାର ଉପଭୋଗ ନିମନ୍ତେ ବୋଲି ମଣନ୍ତି । ଅନ୍ୟ କେତେକ ସୁସମାଚାର ପ୍ରଚାରକଙ୍କ ପ୍ରସଙ୍ଗୁ ନିନ୍ଦା କରି, ଉପାସନାରେ ଯୋଗ ଦିଅନ୍ତି ନାହିଁ ।

କେତେକ ପରିବାର ମୁଖ୍ୟ ଉପାସନାରେ ଯୋଗଦାନ ଦିଅନ୍ତି, କିନ୍ତୁ ଭାର୍ଯ୍ୟା ଓ ସନ୍ତାନସନ୍ତତିମାନେ ଉପାସନାରେ ଯୋଗଦେବା ଆବଶ୍ୟକ ବୋଲି ଭାବନ୍ତି । ବିଶେଷତଃ, ଯେତେବେଳେ ଉପାସନାର ସ୍ଥଳ ଦୂରରେ ଥାଏ । ଏପରି ସବୁ ବିଷୟରେ ତ୍ରୁଟି କେଉଁଠାରେ ? ଯୀଶୁ ଏହି ଜଗତରେ ଥିବା ସମୟରେ ଜନ ସମାଜକୁ "ଆସ, ମୋହର ଅନୁଗମନ କର" ବୋଲି କହୁଥିଲେ । ସେ ଜଗତର ସବୁକିଛି ଓ ସମସ୍ତ

ବିଷୟ ତ୍ୟାଗ କରି ତାହାଙ୍କର ଅନୁଗମନ କରିବା ସେ ଚାହାନ୍ତି । ସେ କହନ୍ତି,''ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।'' (ମାଥିଉ ୬:୩୩) ସମ୍ମୁଖରେ ଥିବା ପ୍ରତ୍ୟେକ ବାଧାବିଘ୍ନ ଆମେ ଜୟ ନକଲେ, ତାହାଙ୍କୁ ଜୀବନରେ ପ୍ରଥମ ସ୍ଥାନ ଦେଇପାରିବା ନାହିଁ ।

ଏବ୍ରୀ ୧୦:୨୫ ପଦରେ ଲେଖାଯାଏ,''ଆଉ କେହି କେହି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନକରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛି । କାରଣ ସତ୍ୟଜ୍ଞାନ ଲାଭ କରିବା ପରେ ଯଦି ଆମେମାନେ ସ୍ୱେଚ୍ଛାପୂର୍ବକ ପାପ କରୁଥାଉ, ତେବେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନଥାଏ, ବରଂ ବିଚାରର ଏକ ପ୍ରକାର ଭୟଙ୍କର ପ୍ରତୀକ୍ଷା ଓ ବିପକ୍ଷମାନଙ୍କୁ ଗ୍ରାସକାରୀ ଅଗ୍ନିର ପ୍ରଚଣ୍ଡତା ଅବଶିଷ୍ଟ ଥାଏ । କେହି ମୋଶାଙ୍କ ବ୍ୟବସ୍ଥାକୁ ଅମାନ୍ୟ କଲେ, ସେ ଦୟାପ୍ରାପ୍ତ ନହୋଇ ଦୁଇ କିମ୍ବା ତିନିଜଣ ସାକ୍ଷୀଙ୍କ ପ୍ରମାଣରେ ହତ ହୁଏ, ତେବେ ଭାବି ଦେଖ, ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପଦଦଳିତ କରିଅଛି, ନିୟମର ଯେଉଁ ରକ୍ତ ଦ୍ୱାରା ସେ ପବିତ୍ରକୃତ ହୋଇଥିଲା, ତାହାକୁ ସାମାନ୍ୟ ବିଷୟ ମନେ କରିଅଛି ଓ ଅନୁଗ୍ରହଦାତା ଆତ୍ମାଙ୍କୁ ଅବମାନନା କରିଅଛି । ସେ କେଡ଼େ ଅଧିକ ଗୁରୁତର ଦଣ୍ଡର ଯୋଗ୍ୟ ନହେବ ।'' (ଏବ୍ରୀ ୧୦:୨୫-୨୯)

**ଉପାସନାରେ ଯୋଗଦାନ ଦେବାର କେତୋଟି କାରଣ :**

୧) **ପରମେଶ୍ୱରଙ୍କୁ ଉପାସନା କରିବା ନିମନ୍ତେ :** ଏବ୍ରୀ ୧୨:୨୨-୨୪ ପଦଗୁଡ଼ିକରେ ମଣ୍ଡଳୀର ସୁନ୍ଦର ବର୍ଣ୍ଣନା ପଢ଼ିପାରୁ, ଯାହା କହେ,''କିନ୍ତୁ ତୁମ୍ଭେମାନେ ସିୟୋନ ପର୍ବତ ଓ ଜୀବନ୍ତ ଈଶ୍ୱରଙ୍କ ନଗର, ଅର୍ଥାତ୍ ସ୍ୱର୍ଗୀୟ ଯିରୁଶାଲମ, ଅସଂଖ୍ୟ ଦୂତବାହିନୀଙ୍କ ମହୋତ୍ସବ, ସ୍ୱର୍ଗରେ ଲିଖିତ ପ୍ରଥମଜାତମାନଙ୍କର ମଣ୍ଡଳୀ, ସମସ୍ତଙ୍କ ବିଚାରକର୍ତ୍ତା । ଈଶ୍ୱର, ସିଦ୍ଧପ୍ରାପ୍ତ ଧାର୍ମିକମାନଙ୍କ ଆତ୍ମାଗଣ, ନୂତନ ନିୟମର ମଧ୍ୟସ୍ଥ ଯୀଶୁ ପୁଣି ଯେଉଁ ସେଚନର ରକ୍ତ ହେବଲଙ୍କ ରକ୍ତ ଅପେକ୍ଷା ଉତ୍କୃଷ୍ଟତର ବାକ୍ୟ କହେ, ତାହା ନିକଟକୁ ଆସିଅଛ ।''

୨) ଖ୍ରୀଷ୍ଟଙ୍କ ବଳିଦାନ ସ୍ମରଣ କରିବା ନିମନ୍ତେ : ସପ୍ତାହର ପ୍ରଥମ ଦିନରେ ମଣ୍ଡଳୀ ସହିତ ଉପାସନା କରିବା ନିମନ୍ତେ, ପ୍ରେରିତ ପାଉଲ ତ୍ରୋୟାରେ ସାତଦିନ ରହିଗଲେ । "ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହେଉଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ ।" (ପ୍ରେରିତ ୨୦:୭)

୩) ବାକ୍ୟଧ୍ୟାନ ଦ୍ୱାରା ଈଶ୍ୱରଙ୍କ ବାକ୍ୟ ଶିଖିବା ନିମନ୍ତେ : "ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।" (୨ୟ ତୀମଥି ୨:୧୫) କାହିଁକି ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ଆବଶ୍ୟକ ? "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ ।" (୨ୟ ତୀମଥି ୩:୧୬,୧୭)

୪) ସହଭାଗିତା : ଯୀଶୁ କହନ୍ତି,"କାରଣ ଯେଉଁ ସ୍ଥାନରେ ଦୁଇ କି ତିନିଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି ।" (ମାଥିଉ ୧୮:୨୦) ଆମ୍ଭେମାନେ ପ୍ରେମ ଓ ଉତ୍ତମ କାର୍ଯ୍ୟ ନିମନ୍ତେ ଏକ ଆରେକକୁ ଉତ୍ସାହିତ କରୁ । ଅନ୍ୟମାନଙ୍କ ସହିତ ଆମର ସହଭାଗିତା ନଥିଲେ, କିପରି ସେମାନଙ୍କୁ ପ୍ରେମ ଓ ଉତ୍ତମ କାର୍ଯ୍ୟରେ ସେମାନଙ୍କୁ ପ୍ରୋତ୍ସାହିତ କରିପାରିବା ? ଉପାସନାରେ ଯୋଗଦାନ ଦେବା ଠାରୁ ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ଠାରୁ ଅନ୍ୟ କାର୍ଯ୍ୟକୁ ବିଶେଷ ସ୍ଥାନ ଦେଉଛନ୍ତି । ଈଶ୍ୱର କିଅବା ମଣ୍ଡଳୀ ତାହାଙ୍କ ଜୀବନରେ ସର୍ବପ୍ରଥମ ସ୍ଥାନରେ ନାହାନ୍ତି ବୋଲି ତାହାଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ଲୋକମାନଙ୍କୁ ଅଜ୍ଞାତସାରରେ ଶିକ୍ଷା ଦେଉଅଛନ୍ତି । ବିଶେଷରେ, ତାହାଙ୍କ ସନ୍ତାନମାନେ ଉପାସନାରେ ଯୋଗ ନଦେଇ, ଈଶ୍ୱରଙ୍କ ଜ୍ଞାନରେ ଅଭିବୃଦ୍ଧି ଓ ଜ୍ଞାନରୁ ବଞ୍ଚିତ ହୁଅନ୍ତି ।"

ଶାରୀରିକ ଦୁର୍ବଳତା ବ୍ୟତୀତ ଅନ୍ୟ କୌଣସି ପରିସ୍ଥିତିରେ ପ୍ରକୃତ ଖ୍ରୀଷ୍ଟିୟାନ ମଣ୍ଡଳୀ ଉପାସନା ତ୍ୟାଗ କରେ ନାହିଁ । ପ୍ରତ୍ୟେକ ରବିବାର

ପ୍ରତ୍ୟେକ ଖ୍ରୀଷ୍ଟିୟାନ ସୃଷ୍ଟିକର୍ତ୍ତାଙ୍କୁ ଉପାସନା, ପ୍ରଶଂସା କରିବା ନିମନ୍ତେ, ତାହାଙ୍କ ତ୍ୟାଗ ସ୍ମରଣ କରିବା ନିମନ୍ତେ ଉପାସନାରେ ଯୋଗଦିଅନ୍ତି ।

ବର୍ତ୍ତମାନ ଯଦି ଆପଣ ଈଶ୍ୱରଙ୍କ ଇଚ୍ଛାନୁଯାୟୀ ଚାଲୁନାହାନ୍ତି, ଆପଣଙ୍କ ଜୀବନ ପରିବର୍ତ୍ତନ କରିବାର ସମୟ ଉପସ୍ଥିତ ହୋଇଅଛି । ଆପଣ ପରିବର୍ତ୍ତିତ ନହେଲେ ନିଶ୍ଚିତଭାବେ ନିତ୍ୟଶିକ୍ଷା ଭୋଗ କରିବେ । ଆପଣଙ୍କ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଆପଣା ବହୁମୂଲ୍ୟ ପ୍ରାଣ ବଳି ରୂପେ ଉତ୍ସର୍ଗ କରିଅଛନ୍ତି । ବହୁମୂଲ୍ୟ ଆତ୍ମା ଏପରିଭାବେ ସୁରକ୍ଷିତ ରହିପାରିବେ ।

**- Betty Burton Choate**

❋ ❋ ❋

# ଜଳପାତ୍ର
## (The Water Pot)

"ସେଥିରେ ସେହି ସ୍ତ୍ରୀ ଆପଣା ଜଳପାତ୍ର ଥୋଇ ଦେଇ ନଗରକୁ ଯାଇ ଲୋକମାନଙ୍କୁ କହିଲା, ଆସ, ଜଣକୁ ଦେଖିବ, ମୁଁ ଯାହା ଯାହା କରିଅଛି, ସେହିସବୁ ସେ ମୋତେ କହିଲେ, ସେ କେଜାଣି ଖ୍ରୀଷ୍ଟ ହେବେ ପରା ?" (ଯୋହନ ୪:୨୮-୩୦)

ଥରେ ଯୀଶୁଖ୍ରୀଷ୍ଟ ଶମିରୋଣ ମଧ୍ୟ ଦେଇ ଗମନ କରୁଥିବା ସମୟରେ ପଥଶ୍ରାନ୍ତ ହୋଇ ଯାକୁବଙ୍କ କୂପ ନିକଟରେ ବସିପଡ଼ିଲେ । (ଯୋହନ ୪:୧-୬ ଏବଂ ଆଦି ୪୮:୨୨) ସୁଖାର ନଗରବାସୀ ଏକ ଶମିରୋଣୀୟ ସ୍ତ୍ରୀ ଜଳ କାଢ଼ିବା ନିମନ୍ତେ ସେ କୂପ ନିକଟକୁ ଆସିଲା । (୭ମ ପଦ) ଯୀଶୁ ତାହାକୁ ଅନନ୍ତ ଜୀବନ ରୂପ ଜଳ ଦେଇପାରିବେ ବୋଲି କହିଲେ । ଯୀଶୁ ସେହି ସ୍ତ୍ରୀର ବ୍ୟକ୍ତିଗତ ବିଷୟ ପ୍ରକାଶ କରି ଆପଣା ଐଶ୍ୱରିକ ଜ୍ଞାନର ପ୍ରକାଶ କରିଥିଲେ । ସେ ତାହାକୁ ସତ୍ୟ ଆରାଧନା ବିଷୟରେ ମଧ୍ୟ ଶିକ୍ଷା ଦେଇଥିଲେ ।

**ଜଳ, ଶାରୀରିକ ଆବଶ୍ୟକତା ପୂରଣ କରେ :**

ଜଳ, ପରମେଶ୍ୱରଙ୍କ ଏକ ଅଦ୍ଭୁତ ସୃଷ୍ଟି । ଶୁଦ୍ଧ ରଙ୍ଗ, ସ୍ୱାଦ ବା ବାସନା

ବିହୀନ ଅଟେ । ଏଥିରେ ଆମ୍ଭମାନଙ୍କ ଶରୀରକୁ ଆବଶ୍ୟକୀୟ ଅନେକ ଖଣିଜ ଧାତୁ ପାଇଥାଉ । ଜଳ, ବରଫ, ବାଷ୍ପ ଓ ତରଳ ସ୍ଥିତିରେ ଏହି ଜଗତରେ ଲବ୍ଧ ଅଟେ । ଅନେକ ଭାବରେ ଆମ୍ଭେମାନେ ଜଳର ବ୍ୟବହାର କରୁ । ବାଷ୍ପ ଦ୍ୱାରା ଇଞ୍ଜିନ ଚାଳିତ ହୁଏ, ବିଦ୍ୟୁତ ଉତ୍ପନ୍ନ ହୁଏ । ସଫାସୁତୁରା, ସ୍ନାନ, ଥଣ୍ଡା ରହିବର ପାଇଁ, ଗରମ ରହିବା ପାଇଁ, ଖାଦ୍ୟ ପଦାର୍ଥ ଉତ୍ପାଦନ କରିବା ପାଇଁ ପ୍ରଭୃତି ଅନେକ ବିଷୟରେ ଜଳ ଆମ୍ଭେମାନେ ଆବଶ୍ୟକ କରୁ । ଆମ୍ଭମାନଙ୍କ ଶରୀର ୬୫% ଜଳ ଅଟେ । ମନୁଷ୍ୟ ଖାଦ୍ୟବିନା ଦୁଇ ତିନି ସପ୍ତାହ ବଞ୍ଚିପାରେ, କିନ୍ତୁ ଜଳବିନା ମନୁଷ୍ୟ ଏତେଦିନ ବଞ୍ଚିବା ଅସମ୍ଭବ । ଅତଏବ, ମନୁଷ୍ୟ ଜୀବନ ନିମନ୍ତେ ଜଳ ଏକ ଅତ୍ୟାବଶ୍ୟକ ବସ୍ତୁ ।

**ଆତ୍ମିକ ଜୀବନ ନିମନ୍ତେ, ଆତ୍ମିକ ଜଳ :**

ଯୀଶୁଖ୍ରୀଷ୍ଟ ପ୍ରଦାନ କରୁଥିବା ଜଳ, ଶାରୀରିକ ତୃଷା ମେଣ୍ଟାଇବା ନିମନ୍ତେ ନୁହେଁ, ଶମିରୋଣ ସ୍ତ୍ରୀ ଯୀଶୁଙ୍କ ବାକ୍ୟ ବୁଝି ପାରିନଥିଲେ । (ଯୋହନ ୪:୯-୧୫) ସେ କେବେବି ତୃଷା ଅନୁଭବ କରିନପାରିବା ଜଳ, ଯୀଶୁଙ୍କ ନିକଟରୁ ପାଇବା ନିମନ୍ତେ ଆକାଂକ୍ଷିତ ହୋଇଥିଲେ, ଯୀଶୁଙ୍କ ପ୍ରଦତ୍ତ ଜଳ, ପୃଥିବୀର ଜଳ ଠାରୁ ଉତ୍କୃଷ୍ଟତର । (ଯୋହନ ୪:୧୪, ପ୍ରକାଶିତ ୨୨:୧୭)

ଯୀଶୁ କହିଲେ,''......କେହି ଯଦି ତୃଷିତ ହୁଏ, ତେବେ ସେ ମୋ ନିକଟକୁ ଆସି ପାନ କରୁ । ଯେବେ ମୋ ଠାରେ ବିଶ୍ୱାସ କରେ, ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ ତାହାର ଅନ୍ତରରୁ ଜୀବନ୍ତ ଜଳସ୍ରୋତ ପ୍ରବାହିତ ହେଉଥିବ ।'' (ଯୋହନ ୭:୩୭-୩୯) ଯୀଶୁଖ୍ରୀଷ୍ଟ ହିଁ ଅନନ୍ତ ଆତ୍ମିକ ଜଳର ଭଣ୍ଡାର । (ଯୋହନ ୧:୨୯, ୧୪:୬, ପ୍ରେରିତ ୪:୧୨, ରୋମୀୟ ୫:୧୨, ୬:୨୩) ଅନନ୍ତ ଆତ୍ମିୟ ଜଳ ପାଇବା ନିମନ୍ତେ ମନୁଷ୍ୟକୁ ପବିତ୍ର ଆତ୍ମାଙ୍କ ଚାଳନାରେ ଲିଖିତ ବାଇବଲର ବାକ୍ୟ ପ୍ରଥମେ ଶୁଣିବା ଆବଶ୍ୟକ । (ରୋମୀୟ ୧:୧୬, ୧ମ ପିତର ୧:୨୨-୨୩) । ସୁସମାଚାର ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ, ପାପରୁ ମନ ପରିବର୍ତ୍ତନ, ଖ୍ରୀଷ୍ଟଙ୍କୁ ସ୍ୱୀକାର କରି ପାପକ୍ଷମା ନିମନ୍ତେ ବାପ୍ତିସ୍ମ ନେବାକୁ ସାହାଯ୍ୟ କରିଥାଏ । ବାପ୍ତିସ୍ମ ଗ୍ରହଣ କରିବା ଲୋକେ ପାପକ୍ଷମା ପ୍ରାପ୍ତ ହୋଇ ପବିତ୍ର ଆତ୍ମା ରୂପ ବରଦାନ ପ୍ରାପ୍ତ ହୁଅନ୍ତି । ବାପ୍ତିସ୍ମ ଗ୍ରହଣ କରିବା ବ୍ୟକ୍ତି ସହିତ ପବିତ୍ର ଆତ୍ମା ନିବାସ କରନ୍ତି । (ପ୍ରେରିତ ୨:୩୮, ୫:୫୨, ରୋମ୍ ୫:୫, ୬:୩-୪, ୮:୧୦-୧୧, ୧ମ କରିନ୍ଥୀ ୬:୧୯)

ବାପ୍ତିସ୍ମ ଦ୍ୱାରା ମନୁଷ୍ୟ ଆତ୍ମିକ ଜଗତରେ ନୂତନ ଜନ୍ମ ଗ୍ରହଣ କରିଥାଏ । (ଯୋହନ ୩:୩-୫, ଗାଲାତୀ ୩:୨୬-୨୭, ତିତ ୩:୫-୬, ୧ମ ପିତର ୧:୨୨-୨୩) ଏପରି ନୂତନ ଜୀବନ ଗ୍ରହଣକାରୀ ବାକ୍ୟ ଧ୍ୟାନ କରି, ବାକ୍ୟ ଶ୍ରବଣ କରି ଆତ୍ମିକ ଜୀବନରେ ଅଭିବୃଦ୍ଧି ପାଏ ।

**ପରିତ୍ୟକ୍ତ ଜଳପାତ୍ର :**

ଯୀଶୁଖ୍ରୀଷ୍ଟ ସହିତ କିଛି ସମୟ କଥାବାର୍ତ୍ତା କରିବା ପରେ, ଯୀଶୁଙ୍କୁ ଏକ ବିଶେଷ ଭାବବାଦୀ ଏବଂ ମଶୀହ ରୂପେ ଚିହ୍ନି, ଆପଣା ଜଳପାତ୍ର ସେଠାରେ ତ୍ୟକ୍ତ କରି ନଗରକୁ ଯାଇ ଲୋକଙ୍କୁ କହିଲେ,"......ଆସ, ଜଣକୁ ଦେଖିବ, ମୁଁ ଯାହା ଯାହା କରିଅଛି, ସେହିସବୁ ସେ ମୋତେ କହିଲେ, ସେ କେଜାଣି ଖ୍ରୀଷ୍ଟ ହେବେ ପରା ? (ଯୋହନ ୪:୨୮-୨୯) ତାହାର ସାକ୍ଷ୍ୟରେ ସେହି ନଗରର ଅନେକେ ଯୀଶୁଙ୍କ ନିକଟକୁ ଆସି ତାହାଙ୍କ ବାକ୍ୟ ଶୁଣିଲେ, ସେମାନେ ଶ୍ରବଣ କରିଥିବା ବାକ୍ୟରୁ ସେମାନେ ଯୀଶୁଙ୍କ ଠାରେ ବିଶ୍ୱାସ କଲେ, ଜଳ ନିମନ୍ତେ ଆସିଥିବା ଶମିରୋଣୀୟ ସ୍ତ୍ରୀ ଆତ୍ମିକ ଜଳର ସନ୍ଧାନ ପାଇ, ଜଳପାତ୍ର ସେଠାରେ ଥୋଇ ଦେଇ ନଗରକୁ ଯାଇ, ତାହାଙ୍କ ବିଷୟରେ ସାକ୍ଷ୍ୟ ଦେଇଥିଲେ ।

ଯଦି କୌଣସି ବିଷୟ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଅନୁକରଣ କରିବାରେ ବାଧା ଜନ୍ମାଏ, ତାହା ଆମେ ପରିତ୍ୟାଗ କରୁ । (ପ୍ରେରିତ ୫:୨୯) ଯେଉଁମାନେ ଖ୍ରୀଷ୍ଟଙ୍କ ନିମନ୍ତେ ଆପଣା ପରିବାର ପରିଜନ ତ୍ୟାଗ କରନ୍ତି, ସେମାନେ ଶତଗୁଣ ଆତ୍ମୀୟ ପରିବାର ପାଇବେ ବୋଲି ଯୀଶୁ ପ୍ରତିଜ୍ଞା କରିଅଛନ୍ତି (ମାର୍କ ୧୦:୨୯) । ଏହାର ଅର୍ଥ, ଏହା ନୁହେଁ ଯେ ଲୋକେ ଖ୍ରୀଷ୍ଟଙ୍କ ଅନୁସରଣ କରିବା ନିମନ୍ତେ ଆପଣା ପରିବାର ତ୍ୟାଗ କରିବା ଆବଶ୍ୟକ । (୧ମ ତୀମଥି ୫:୮, କଲସୀ ୩:୧୮-୨୧, ଏଫିସୀ ୫:୨୨-୨୫, ୬:୪, ପିତର ୩:୧-୭) ଆମ୍ଭମାନଙ୍କ ରକ୍ତ ସମ୍ବନ୍ଧୀୟମାନେ ଆମ୍ଭମାନଙ୍କୁ ଗ୍ରହଣ କଲେ, କିଅବା ନକଲେ ଙ୍କି ଆମ୍ଭେମାନେ ସର୍ବଦା ଖ୍ରୀଷ୍ଟଙ୍କ ଅନୁସରଣ କରୁ ଏବଂ ତାହାଙ୍କ ସୁସମାଚାର ପ୍ରକଟ କରୁ ।

ଜଳ ଆମ୍ଭମାନଙ୍କ ଦୈନିକ ଜୀବନର ଅତି ଆବଶ୍ୟକୀୟ ବିଷୟ, ଯାହା ନିମନ୍ତେ ଜଳପାତ୍ର ଅତ୍ୟାବଶ୍ୟକ । କିନ୍ତୁ ସେ ସ୍ତ୍ରୀ ଜଳପାତ୍ର ଠାରୁ ଯୀଶୁଙ୍କ ବିଷୟ ଅନ୍ୟମାନଙ୍କ ନିକଟରେ ଜଣାଇବା ଅଧିକ ପ୍ରାଧାନ୍ୟତା ଦେଇଥିଲେ । ସର୍ବପ୍ରଥମେ

ଆମେ ପରମେଶ୍ୱରଙ୍କ ନୀତି ଓ ରାଜ୍ୟ ଅନ୍ବେଷଣ କରୁ (ମାଥିଉ ୬:୧୯-୩୪, ଲୂକ ୧୨:୨୯-୩୧) ଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ବିଷୟରେ ଜ୍ଞାତ ହେଲେ ସୁଦ୍ଧା ଆମ୍ଭେମାନେ ଅଳସୁଆ ନହୋଇ, ଆପଣା ହସ୍ତରେ ଭରଣପୋଷଣ ନିମନ୍ତେ କାର୍ଯ୍ୟ କରିବା ପରମେଶ୍ୱର ଆମ୍ଭମାନଙ୍କ ବିଷୟରେ ମତ ଅଟେ । (ହିତ ୧୩:୪, ୨ ଥେସ ୩:୬-୧୨) ବାକ୍ୟାନୁଯାୟୀ ଆମ୍ଭେମାନେ ଆମ୍ଭମାନଙ୍କ ପରିବାରର ଯତ୍ନ ନେଉ । (୧ମ କରିନ୍ଥୀ ୯:୧୧,୧୪, ଗାଲାତୀ ୬:୬-୧୦)

ଖ୍ରୀଷ୍ଟଙ୍କ ସମାଚାର ଅନ୍ୟମାନଙ୍କ ନିକଟରେ ପ୍ରକଟ କରିବା ଅତ୍ୟାବଶ୍ୟକ ପାର୍ଥିବ ବସ୍ତୁ ଠାରୁ ଅଧିକ ମଣି ଶମିରୋଣୀୟ ସ୍ତ୍ରୀ କୂପ ନିକଟରେ ଜଳପାତ୍ର ଥୋଇଦେଇ, ନଗର ମଧ୍ୟକୁ ଦୌଡ଼ି ଯାଇଥିଲେ । ଆମ୍ଭମାନଙ୍କ ଜୀବନରେ ଜାଗତିକ ସମସ୍ତ ବସ୍ତୁ ଠାରୁ, ଖ୍ରୀଷ୍ଟଙ୍କ ବିଷୟକ ସମାଚାର ପ୍ରଚାର କରିବା ଅଧିକ ପ୍ରାଧାନ୍ୟତା ଦେଉ । ଯାହାକି ପରମେଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ ଅଟେ ।

**- J.L. Leifeste**

❋ ❋ ❋

# "ସେହି ବାକ୍ୟ ଈଶ୍ୱର ଥିଲେ"

## (The word was God)

"ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ।" (ଯୋହନ ୧:୧) ଅର୍ଥାତ୍ ବାକ୍ୟ ଓ ଈଶ୍ୱର ଭିନ୍ନ । କିନ୍ତୁ ଏହି ପଦରେ "ବାକ୍ୟ ଈଶ୍ୱର ଅଟନ୍ତି" ବୋଲି କୁହାଯାଏ ।

"ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ । (ଯୋହନ ୧:୧୪) ବାକ୍ୟରୂପୀ ଈଶ୍ୱର ଦେହବନ୍ତ ହୋଇ ଯୀଶୁଖ୍ରୀଷ୍ଟଙ୍କ ରୂପେ ପରିଣତ ଅଟନ୍ତି । ଅର୍ଥାତ୍ ଯୀଶୁଖ୍ରୀଷ୍ଟ ଯେ ଈଶ୍ୱର ଅଟନ୍ତି, ଏହି ବାକ୍ୟ ଦ୍ୱାରା ପ୍ରମାଣିତ ହୁଏ ।

ଏହି ବାକ୍ୟରୂପୀ ଈଶ୍ୱରଙ୍କ ଠାରେ, "......ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟମାନଙ୍କର ଜ୍ୟୋତି ।" (ଯୋହନ ୧:୪) ଏହି ପଦର "ଜୀବନ"ର ଅର୍ଥ

"ସଜୀବତା" ଏହି ଜୀବନ ପରମେଶ୍ୱରଙ୍କ ଠାରେ ଅଛି ଓ ସେ ତାହା ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କରିଅଛନ୍ତି ।

"କାରଣ ପିତା ଯେପରି ସ୍ୱୟଂଜୀବୀ, ସେହିପରି ସେ ପୁତ୍ରଙ୍କୁ ମଧ୍ୟ ସ୍ୱୟଂଜୀବୀ ହେବାକୁ ଦେଇଅଛନ୍ତି ।" (ଯୋହନ ୫:୨୬) ଏହି ଜୀବନ ଯୀଶୁଖ୍ରୀଷ୍ଟ ଜଗତକୁ ଦିଅନ୍ତି । "ସେହି ଜୀବନ ପ୍ରକାଶିତ ହେଲେ, ଆଉ ଆମ୍ଭେମାନେ ଦେଖିଥିଲୁ ଓ ସାକ୍ଷ୍ୟ ଦେଉଅଛୁ, ଯେଉଁ ଅନନ୍ତ ଜୀବନ ପିତାଙ୍କ ସାଙ୍ଗରେ ଥିଲେ ଓ ଆମ୍ଭମାନଙ୍କ ନିକଟରେ ପ୍ରକାଶିତ ହେଲେ, ତାହାଙ୍କ ବିଷୟରେ ତୁମ୍ଭମାନଙ୍କୁ ଜଣାଉଅଛୁ ।" (୧ମ ଯୋହନ ୧:୨) ନୂତନ ନିୟମରେ "ଜୀବନ"ର ଅର୍ଥ ଜୀବନ କାଳ, ନୈତିକ ବ୍ୟବହାର, ରୋଜଗାର ପ୍ରଭୃତି ଭାବ ରହିଅଛି । କିନ୍ତୁ ଯୋହନଙ୍କ ଭାଷାରେ ଯୀଶୁ ଜୀବନର ନିର୍ଝର ଅଟନ୍ତି । ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, "କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ, ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି ।" (କଲସୀ ୧:୧୬) ଏହି ସତ୍ୟତା ଆମ୍ଭେ ଯୋହନ ୧:୩ ପଦରେ ପଢ଼ିପାରୁ, ଯାହା କହେ, "ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହେଲା, ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ ।"

ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, "ଯେଣୁ କୌଣସି ଗୃହ କୌଣସି ନା କୌଣସି ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପିତ; କିନ୍ତୁ ସମସ୍ତ ବିଷୟର ଯେ ସ୍ଥାପନକର୍ତ୍ତା, ସେ ଈଶ୍ୱର ।" (ଏବ୍ରୀ ୩:୪) । ସମସ୍ତ ବିଷୟର ସୃଷ୍ଟିକର୍ତ୍ତା ଓ ସ୍ଥାପନକର୍ତ୍ତା ଈଶ୍ୱର ଅଟନ୍ତି ଏବଂ ଯୋହନ ୧:୧ ପଦାନୁଯାୟୀ, ଯୀଶୁଖ୍ରୀଷ୍ଟଙ୍କ ବିନା କୌଣସି ବିଷୟ ସୃଷ୍ଟି ହୋଇନାହିଁ । ଏହାଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ଐଶ୍ୱରିକତା ପ୍ରମାଣିତ ହୁଏ ।

ଆକାଶ ମଣ୍ଡଳ ଓ ପୃଥିବୀ ସୃଷ୍ଟି ପୂର୍ବେ ଯାହା ଅସ୍ତିତ୍ୱରେ ଥିଲା, ତାହା ସୃଷ୍ଟ ବିଷୟ ନୁହେଁ ବୋଲି ଆମେ ଜାଣୁ । କଲସୀ ୩:୧୭ ପଦ କହେ, "ସମସ୍ତ ବିଷୟ ସୃଷ୍ଟ ହେବା ପୂର୍ବରୁ ସେ ଅଛନ୍ତି ଓ ତାହାଙ୍କ ଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି ।" ଅତଏବ, ବାକ୍ୟରୂପୀ ଯୀଶୁଖ୍ରୀଷ୍ଟ ସୃଷ୍ଟ ବ୍ୟକ୍ତି ନୁହନ୍ତି । କାରଣ ସେ ଈଶ୍ୱର ଅଟନ୍ତି ।

ଯେଉଁ ସବୁ ବିଷୟ ସୃଷ୍ଟି ହୋଇନାହିଁ, ତାହା ସ୍ୱୟଂଜୀବୀ । ବାକ୍ୟରୂପୀ

ଯୀଶୁଖ୍ରୀଷ୍ଟ ସୃଷ୍ଟିତ ବ୍ୟକ୍ତି ନୁହନ୍ତି, କିନ୍ତୁ ସ୍ୱୟଂଜୀବୀ ଅଟନ୍ତି । ବାକ୍ୟରୂପୀ, ସ୍ୱୟଂଜୀବୀ ଈଶ୍ୱର ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟ କହନ୍ତି "......ମୁଁ ଜଗତର ଜ୍ୟୋତି, ଯେ ମୋହର ଅନୁଗମନ କରେ ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତି ପାଇବ ।" (ଯୋହନ ୮:୧୨) ଭାବବାଦୀ ଯିଶାଇୟ ଭାବବାଣୀ ପ୍ରକଟ କରି କହିଲେ, "ଉଠ ଦୀପ୍ତିମତୀ ହୁଅ, କାରଣ ତୁମ୍ଭର ଦୀପ୍ତି ଉପସ୍ଥିତ.....କାରଣ ସଦାପ୍ରଭୁ ଅନନ୍ତ କାଳସ୍ଥାୟୀ ଜ୍ୟୋତିସ୍ୱରୂପ ହେବେ ।" (ଯିଶାଇୟ ୬୦:୧,୨୦) ବାପ୍ତିଜକ ଯୋହନ ବିଷୟରେ ସେ କହିଥିଲେ,"ଏକ ଜଣର ରବ ପ୍ରଚାର କରଇ, ତୁମ୍ଭେମାନେ ପ୍ରାନ୍ତରରେ ସଦାପ୍ରଭୁଙ୍କ ପଥ ପ୍ରସ୍ତୁତ କର,....." (ଯିଶାଇୟ ୪୦:୩) । ଏଠାରେ "ସଦାପ୍ରଭୁ" ଅର୍ଥାତ୍ "ଯିହୋବା" । ଏହି ସବୁ ବାକ୍ୟରୁ ଏହା ପ୍ରମାଣିତ ହୁଏ ଯେ, ଯୀଶୁଖ୍ରୀଷ୍ଟ ହିଁ ଈଶ୍ୱର ଯାହାଙ୍କ ବିଷୟରେ ବାପ୍ତିଜକ ଯୋହନ ସାକ୍ଷ୍ୟ ଦେଇଥିଲେ । (ଯୋହନ ୧:୭-୯)

ପୁରାତନ ନିୟମ ଓ ନୂତନ ନିୟମ ଉଭୟ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱର ରୂପେ ଘୋଷିତ କରେ ।

**- Truth for the World**

❋ ❋ ❋

# ଈଶ୍ୱରଙ୍କ ପୁତ୍ର, ଯୀଶୁଖ୍ରୀଷ୍ଟ
## (Jesus Christ, the son of God)

ଅନେକେ ଯୀଶୁଙ୍କୁ ଏକ ଉତ୍ତମ ବ୍ୟକ୍ତିରୂପେ ବିଶ୍ୱାସ କରନ୍ତି, କିନ୍ତୁ ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ଗ୍ରହଣ କରନ୍ତି ନାହିଁ । ଲୋକେ ତାହାଙ୍କୁ କାହିଁକି ଏକ ଉତ୍ତମ ବ୍ୟକ୍ତିରୂପେ ମାନନ୍ତି ? ତାହାଙ୍କ ବିଷୟରେ ନୂତନ ନିୟମରେ ଲିଖିତ ବିଷୟ ପଢ଼ିବା ଦ୍ୱାରା-କିନ୍ତୁ ସେହି ନୂତନ ନିୟମରେ ସେ ସ୍ୱର୍ଗୀୟ ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ବୋଲି ଲିଖିତ ହୋଇଅଛି । ସେ ଯଦି ଈଶ୍ୱରଙ୍କ ପୁତ୍ର ନୁହନ୍ତି, ତେବେ ସେ ଉତ୍ତମ ବ୍ୟକ୍ତି ସୁଦ୍ଧା ନୁହନ୍ତି । କାରଣ ଉତ୍ତମ ବ୍ୟକ୍ତି ଆପଣା ବିଷୟରେ ମିଥ୍ୟା ସାକ୍ଷ୍ୟ ଦିଅନ୍ତି ନାହିଁ ।

ଖ୍ରୀଷ୍ଟିୟାନମାନେ ପରମେଶ୍ୱରଙ୍କ ସନ୍ତାନ, କାରଣ ସେମାନେ ତାହାଙ୍କ ବାକ୍ୟଦ୍ୱାରା ପୁନଃଜନ୍ମ ପ୍ରାପ୍ତ ହୋଇଅଛନ୍ତି । (ଯାକୁବ ୧:୧୮) କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ

ଅସାଧା[illegible] ଜନ୍ମ ହେତୁ [illegible] ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଅଟନ୍ତି । କାରଣ ସେ ପବିତ୍ର [illegible] କର୍ତ୍ତୃକ କନ୍ୟା ମରିୟମଙ୍କ ଦ୍ୱାରା ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ ।

ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ମାନବ ଜାତିର ପରିତ୍ରାଣକର୍ତ୍ତା । ସେ ଆମ୍ଭମାନଙ୍କ ପାପର ମୁକ୍ତି ନିମନ୍ତେ ରୋମୀୟ କ୍ରୁଶରେ ହତ ହେଲେ । ଆମ୍ଭମାନଙ୍କ ପୁନଃରୁଥାନ ନିମନ୍ତେ ପରମେଶ୍ୱର ତାହାଙ୍କୁ ତୃତୀୟ ଦିନରେ ମୃତ୍ୟୁରୁ ଉତ୍ଥାପନ କଲେ । (ରୋମୀୟ ୪:୨୪, ଲୂକ ୨୪:୪୬,୪୭ ଓ ୧ମ କରିନ୍ଥୀ ୧୫:୧-୩)

ଖ୍ରୀଷ୍ଟ ସମସ୍ତ ମାନବଜାତି ନିମନ୍ତେ ମୃତ୍ୟୁ ଭୋଗ କଲେ, କିନ୍ତୁ ସମସ୍ତ ମାନବ ଜାତି ପରିତ୍ରାଣ ପାଇବେ ନାହିଁ । ଯେଉଁମାନେ ତାହାଙ୍କ ଠାରେ ବିଶ୍ୱାସ କରନ୍ତି, କେବଳ ସେମାନେ ପରିତ୍ରାଣ ପାଇବେ । ବିଶ୍ୱାସ କରିବାର ଅର୍ଥ, ତାହାଙ୍କ ସୁସମାଚାରରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରି, ପାପକ୍ଷମା ନିମନ୍ତେ ଜଳରେ ଡୁବନ ଗ୍ରହଣ କରିବା ଆବଶ୍ୟକ । ଏତଦ୍ୱାରା ଆମ୍ଭେମାନେ ତାହାଙ୍କ ପବିତ୍ର ରକ୍ତରେ ଧୌତ ହୋଇ, ଜୀବନରେ ନୂତନ ଭାବେ ଆଚରଣ କରିବା ନିମନ୍ତେ ଉତ୍ଥାପିତ ହେଉ । (ଯୋହନ ୮:୨୧-୨୪, ରୋମୀୟ ୧୦:୮-୧୦,୬:୩,୪, କଲସୀ ୨:୧)

ଯେଉଁମାନେ ତାହାଙ୍କ ବାକ୍ୟ ବିଶ୍ୱାସ କରି ବାପ୍ତିଜିତ ହୁଅନ୍ତି, ସେମାନେ ପରିତ୍ରାଣ ପ୍ରାପ୍ତ ହେବେ ବୋଲି ଯୀଶୁ ମାର୍କ ୧୬:୧୫,୧୬ ପଦରେ କହିଅଛନ୍ତି । ବିଶ୍ୱାସୀ ମାନଙ୍କୁ ପିତର କହିଥିଲେ,"..........ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) ଏପରି ବାପ୍ତିଜିତ ଲୋକଙ୍କୁ ପ୍ରଭୁ ଆପଣା ମଣ୍ଡଳୀରେ ନିଯୁକ୍ତ କରନ୍ତି । (ପ୍ରେରିତ ୨:୪୧,୪୭) ଆପଣ ଯଦି ଉପରୋକ୍ତ ଆଜ୍ଞା ପାଳନ କରିବାକୁ ଇଚ୍ଛୁକ, ନିକଟସ୍ଥ ଖ୍ରୀଷ୍ଟଙ୍କ ମଣ୍ଡଳୀ ସହିତ ସଂପର୍କ କରନ୍ତୁ ।

**- Basil Overton**

❀ ❀ ❀

**Edited & Published by : Kabita & Joshua Gootam**

# TREASURE IN EARTHEN VESSELS

**2 Corinthians 4:7**

**INTRODUCTION :**

1) Some people believe that the Holy Spirit directs one apart from the word of God. 2) But if so, why doesn't the Spirit so direct every one? 3)Since God wants all to be saved (2 Peter 3:9), why doesn't he come to each one? 4) Simply because the Lord doesn't operate in this manner. 5) If Christ were here today he wouldn't be able to tell us the plan of salvation. 6) If an angel were present he couldn't tell us what to do to be saved. 7)The Bible teaches that the gospel has been left in earthern vessels.

**DISCUSSION :**

**I. God sent His Son.**

1) Christ took the likeness of man upon himself that he might work with men. 2) Chose certain men to carry on his work on his departure.

**II. Chirst placed the Gospel in Earthen Vessels.**

1) Sent the apostles forth to preach the gospel. (Mark 16:15, 16; Matt. 28:19, 20). 2) The church was established and spread through the world. (Acts 2).

**III. An Earthern Vessel was necessary for Conversion.**

1) A person was never saved by himself. 2) A preacher was always present. (Rom. 10). 3) He had to teach the word. (2 Tim. 4:2). 4) He had to hear the confession. (Matt. 10:32). 5) He had to do the baptizing. (Acts 8).

**IV. Three example of where a Divine being wasn't enough.**

**Eunch :** a) The angel of the Lord appeared to Philip to direct him to the Eunuch's chariot. b) Why didn't the angel go? c) An earthen vessel was necessary.

**Saul :** a) The Lord appeared to him. (Acts : 9). b) Saul wanted to know what he should do. c) Christ told him to go into the city and it would be

told him. d) He went and Ananias came and told him. e) Why didn't Christ tell him? f) This was the work of an earthen vessel.

**Cornelius :** a) The angel asked Cornelius to send for Peter. (Acts. 10). b) then Peter was told in a vision to go. c) He went and preached and Cornelius and his household obeyed the Lord.

## V. The Gospel today is in Earthen Vessels.

1) The work of the church is that of preaching the gospel. 2) We have been commanded as individual Christians to carry forth the message of salvation. 3) If we wait for the Lord to do it, or an angle to do it, then we'll not be saved. 4) Some are deceived into thinking the Lord has saved them in some miraculous way, but he has not.

**Conclusion :**

1) This is the way God has chosen to delcare his will to man.

2) It pleases God by the foolisheness of preaching to save them that believe. (1 Cor. 1).

- J.C. Choate

FROM :
SATYA VANI
P.O.BOX. 80,
KAKINADA - 533 001.

PRINTED BOOK ONLY

TO

(FOR PRIVATE CIRCULATION ONLY)